ମାଲକାନଗିରି, ୦୪.୦୭: ମାଲକାନଗିରି ଜିଲ୍ଲା ସଦର ମହକୁମାର ତଳସାହିସ୍ଥିତ ଶ୍ମଶାନରେ ସାରଥି ପରିବାର ପକ୍ଷରୁ ଆଜି ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପରିବାରର ସଦସ୍ୟ ରବିନ୍ଦ୍ର ସାହୁ, ଗିରିଗୋବର୍ଦ୍ଧନ ମହାନ୍ତି, ରୁଦ୍ର ପଟ୍ଟନାୟକ, ରଞ୍ଜନ ପଟ୍ଟନାୟକ, କାହ୍ନା ପଟ୍ଟନାୟକ, କେଦାର ନାଥ, ପାଣ୍ଡବ ମହାରଣା ଓ ହିମାଂଶୁ ପଟ୍ଟନାୟକଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇ ବିଭିନ୍ନ ଚାରା ରୋପଣ କରିବା ସହ ବୃକ୍ଷରୋପଣର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ । ଏହାପରେ ଚାଲାଣଗୁଡ଼ା ଗ୍ରାମରେ ଗରିବଙ୍କୁ ରାସନ ସାମଗ୍ର ସହ ଶୁଖିଲା ଖାଦ୍ୟ ବଂଟନ କରାଯାଇଛି । ଗ୍ରାମର ୨୦ ଟି ପରିବାରକୁ ଚାଉଳ, ଡାଲି, ତେଲ , ପିଆଜ, ଆଳୁ, ମୁଢ଼ି ,ବିସ୍କୁଟ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି । ସାରଥି ପରିବାରର ଏଭଳି ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି ।

ସଂକ୍ଷେପରେ...

ବିବାହ ପ୍ରଲୋଭନ ଦେଖାଇ ଦୁଷ୍କର୍ମ ଅଭିଯୋଗ

କେନ୍ଦ୍ରାପଡ଼ା (ଆ.ପ୍ର) : ଜନୈକ ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ବଳାତ୍କାର କରାଯାଇଥିବା ନେଇ ସଦର ଥାନାରେ ସଂପୃକ୍ତ ଯୁବତୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ସେହି ଅଭିଯୋଗକୁ ଭିତ୍ତିକରି ସଦର ଥାନା ପୋଲିସ ୩୭୨/୨୦୨୧ରେ ଆଇପିସିର ୪୧୭.୪୯୩,୩୭୬ (୨)(ଏନ),୨୯୪ ଓ ୩୨୩ ଦଫାରେ ଏକ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତ ସଦର ଥାନା ଅନ୍ତର୍ଗତ ଖଣ୍ଡିଆବନ୍ଧ ଗ୍ରାମର ମନୋରଞ୍ଜନ ଜେନା(୩୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି । ଅଭିଯୋଗ ଅନୁଯାଇ ସଦର ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମର ଜନୈକ ୨୮ବର୍ଷର ଯୁବତୀଙ୍କ ସହିତ ମନୋରଞ୍ଜନଙ୍କର ୪ବର୍ଷ ଧରି ପ୍ରେମ ସମ୍ପର୍କ ରହିଥିଲା । ମନୋରଞ୍ଜନ ବିବାହର ପ୍ରତିଶୃତି ଦେଇ ସଂପୃକ୍ତ ଯୁବତୀଙ୍କୁ ବାରମ୍ବାର ବଳାତ୍କର କରିଥିବା ଯୁବତୀ ଜଣଙ୍କ ଅଭିଯୋଗ କରିଥିଲେ । ସେହି ଅଭିଯୁକ୍ତ ଜଣକ ବିଦ୍ୟୁତ ବିଭାଗର ଜଣେ କର୍ମଚାରୀ ବୋଲି ଜଣାପଡିଛି ।

ଆତ୍ମସମର୍ପଣ କଲେ ପୁଣମ୍ ରାଜେଶ

ମାଲକାନ୍‌ଗିରି (ଆ.ପ୍ର) : ଆତ୍ମସମର୍ପଣ କରିଛନ୍ତି ପୁଣମ୍ ରାଜେଶ। ଦୀର୍ଘ ସମୟ ଧରି ସେ ନକ୍ସଲ ସଂଗଠନରେ ଯୋଗ ଦେଇ ବିଭିନ୍ନ ଘଟଣା କରିଥିଲେ। ବର୍ତ୍ତମାନ ଛତିଶଗଡ ସରକାରଙ୍କ ପୁନର୍ବାସ ନୀତି ଦ୍ୱାରା ପ୍ରଭାବିତ ପୁଣମ ରାଜେଶ ସମାଜର ମୁଖ୍ୟ ସ୍ରୋତରେ ଯୋଗଦେବାକୁ ନିଷ୍ପତ୍ତି ନେଇଛନ୍ତି। ପୁଣମ୍ ରାଜେଶଙ୍କ ଉପରେ ୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଆତ୍ମସମର୍ପଣ କରିଥିବା ନକ୍ସଲ ପୁଣମ ରାଜେଶ କଙ୍ଗର ଉପତ୍ୟକା କ୍ଷେତ୍ର କମିଟିର ଦୀର୍ଘ ଦିନର ସଦସ୍ୟ ଥିଲେ। ବସ୍ତର ଏସପି ଦୀପକ ଝା କହିଛନ୍ତି, ଯେ ଆତ୍ମସମର୍ପଣ କରିଥିବା ନକ୍ସଲ ପୁଣାମ ରାଜେଶଙ୍କୁ ୧୦ ହଜାର ଟଙ୍କା ପ୍ରୋତ୍ସାହନ ଦେବା ସହିତ ଖୁବ ଶୀଘ୍ର ପୁନର୍ବାସ ନୀତିର ଲାଭ ମଧ୍ୟ ଦିଆଯିବ।

ଛାତ୍ରୀ ନିବାସ ନିର୍ମାଣକାର୍ଯ୍ୟକୁ ବିତିଲା ୬ବର୍ଷ

ଅସମ୍ପୂର୍ଣ୍ଣ ଘରେ ଜମୁଛି ଜୁଆଆଡ୍ଡା

ଧାମନଗର (ଆ.ପ୍ର) : କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ଭିତ୍ତିଭୂମି ଓ ଉନ୍ନତ ଶିକ୍ଷାର ବ୍ୟବସ୍ଥା ନିମନ୍ତେ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ସରକାରୀ ସ୍କୁଲ ଓ କଲେଜ ମାନଙ୍କରେ ଛାତ୍ର ଛାତ୍ରୀଙ୍କୁ ମାଗଣା ପାଠ ପଢାଇବାରେ ବ୍ୟବସ୍ଥାବି କରୁଛନ୍ତି। ଏପରିକି ଗରିବ ହରିଜ ଛାତ୍ରମାନଙ୍କ ପାଇଁ ମଧ୍ୟ ମାଗଣାରେ ହଷ୍ଟେଲ ବ୍ୟବସ୍ଥା କରାଇ ସେମାନଙ୍କୁ ପାଠପଢାଇବାରେ ବ୍ୟବସ୍ଥା କରୁଥିଲେ ମଧ୍ୟ ହଷ୍ଟେଲ ଓ ଗୃହ ନିର୍ମାଣ ପାଇଁ ଆସୁଥିବା କୋଟି କୋଟି ଟଙ୍କା ଏବେ ବାଟମାରଣା ହେଉଛି। ମହାବିଦ୍ୟାଳୟ ମାନଙ୍କରେ ହଷ୍ଟେଲ ଓ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ଅର୍ଥ ଆସୁଥିଲେ ମଧ୍ୟ ଠିକାଦାର ଓ ଯନ୍ତ୍ରୀଙ୍କ ସଲାସୁତୁରାରେ ଅର୍ଥ ହରିଲୁଟ୍ ହେଉଛି। ଏମିତିଏକ ଘଟଣା ଧାମନଗର ମହାବିଦ୍ୟାଳୟରେ ଘଟିଛି। ଧାମନଗର ବ୍ଲକର ସର୍ବପୁରାତନ ଏହି ମହାବିଦ୍ୟାଳୟର ପ୍ରାୟ ୧୭ଶହ ଛାତ୍ର ଛାତ୍ରୀ ଅଧ୍ୟୟନରତ ଥିବାବେଳେ ପ୍ରାୟ ୪୫ଭାଗ ଗରିବ ହରିଜନ ଅନୁସୂଚିତ ଜାତି ଓ ଜନଜାତି ଶ୍ରେଣୀର ଛାତ୍ରଛାତ୍ରୀମାନେ ପାଠ ପଢନ୍ତି। ଏହାକୁ ଆଖିଆଗରେ ରଖି ସରକାର ଉକ୍ତ ମହାବିଦ୍ୟାଳୟ ପରିସରରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗ ଛାତ୍ରୀ ମାନଙ୍କ ନିମନ୍ତେ ୧କୋଟି ୬୨ଲକ୍ଷଟଙ୍କା ବ୍ୟୟରେ ଏକ ଛାତ୍ରୀ ନିବାସ ୨୦୧୫ ମସିହାରେ ଆରମ୍ଭ ହୋଇଥିଲେ ସୁଦ୍ଧା ଆଜିପର୍ଯ୍ୟନ୍ତ ତାହା କାର୍ଯ୍ୟରେ ଲାଗିପାରିଲା ନାହିଁ। ସୂଚନା ଥାଉକି ୦୧ ମାର୍ଚ୍ଚ ୨୦୧୪ ମସିହାରେ ତତ୍‌କାଳିନ ବିଧାୟକ ରାଜେନ୍ଦ୍ର କୁମାର ଦାସ ଉକ୍ତ ଛାତ୍ରୀ ନିବାସ ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ମାତ୍ର ଗୃହ ନିର୍ମାଣ ପାଇଁ ଆସିଥିବା ଅର୍ଥ ଟେଣ୍ଡର ପ୍ରକ୍ରିୟାରେ ତୃଟିଯୋଗୁ କାର୍ଯ୍ୟ ଆରମ୍ଭ ହୋଇପାରିନଥିଲା। ପରବର୍ତ୍ତି ସମୟରେ ମୁକ୍ତିକାନ୍ତ ମଣ୍ଡଳ ବିଧାୟକ ହେବାପରେ ୨୦୧୫ ମସିହାରେ ତାଙ୍କ ଉଦ୍ୟମ ଫଳରେ ଧାମନଗର ପଂଚାୟତ ସମିତି ମାଧ୍ୟମରେ ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ୨୦୧୫-୧୬ରୁ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ କାର୍ଯ୍ୟ ଶେଷ ହୋଇପାରିଲା ନାହିଁ। କେବଳ ଘର ନିର୍ମାଣ ଓ ରଙ୍ଗ ମରାଯାଇ କାର୍ଯ୍ୟ ସ୍ଥଗିତ ରହିଛି। ହେଲେ ସେହି ରଙ୍ଗ ମଧ୍ୟ ଧୋଇଗଲାଣି। ଅଧିକାଂଶ ସ୍ଥାନରେ ଛୋଟ ଛୋଟ ଫାଟ ମଧ୍ୟ ଦେଖିବାକୁ ମିଳିଲାଣି। ଉକ୍ତ ଘରର ବିଦ୍ୟୁତ୍, ଜଳ, ପରମଳ ବ୍ୟବସ୍ଥା ହୋଇନଥିବାରୁ ଏବେ ତାହା ରହିବା ଅନୁପଯୁକ୍ତ ହୋଇଯାଇଛି ଏବଂ ସେଠାରେ ପାଚେରି ନିର୍ମାଣ ହୋଇନଥିବାରୁ ବୁଲା ଗୋରୁ ଗାଈଙ୍କ ଆଶ୍ରୟ ସ୍ଥଳ ହୋଇଛି ଏବଂ ଘରଚାରିପଟେ ଅନାବନା ଗଛ ଘେରିଯାଇଥିବାରୁ ସରିଶୃପ ବାସକଲେଣି। ସବୁଠାରୁ ବଡ଼କଥା ହେଲା ଉକ୍ତ ଘରଟି ଏକ ନିରଳା ଜାଗାରେ ହୋଇଥିବାରୁ ସେହି ଜରାଜିର୍ଣ୍ଣ ଘରେ ଏବେ ଜୁଆ ଆଡା ସାଂଗକୁ ଅସାମାଜିକ କାର୍ଯ୍ୟ ମଧ୍ୟ ବୃଦ୍ଧି ପାଉଛି। ଏଣୁ ତୁରନ୍ତ ଉକ୍ତ କାର୍ଯ୍ୟ ସାରିବା ପାଇଁ ଅଭିଭାବକ ଓ ସାଧାରଣ ଜନତାଙ୍କ ପକ୍ଷରୁ ଦାବି କରାଯାଉଛି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ଦେବେନ୍ଦ୍ର ନାୟକଙ୍କ ସହିତ ଯୋଗାଯୋଗ କରିବାରୁ ସେ କୁହନ୍ତି ଉକ୍ତ କାର୍ଯ୍ୟ ସମୟ ସୀମା ସରିଯାଇଥିବାରୁ କାର୍ଯ୍ୟ କରାଯାଇ ପାରୁନାହିଁ। ତେବେ ପୁନଃର୍ବାର ସମୟ ଚୁକ୍ତିପତ୍ର ହେବାପରେ ଅସମ୍ପୂର୍ଣ୍ଣ କାର୍ଯ୍ୟ କରାଯିବବୋଲି ଶ୍ରୀ ନାୟକ କହିଛନ୍ତି। ତେବେ ସରକାରଙ୍କ ପକ୍ଷରୁ ମଞ୍ଜୁର ହୋଇଥିବା କୋଟି କୋଟି ଟଙ୍କା ବ୍ୟୟ କରାଯାଇଥିବାବେଳେ ଠିକାଦାର କାହିଁକି ସମୟ ସୀମା ମଧ୍ୟରେ କାର୍ଯ୍ୟ କରିପାରିଲେ ନାହିଁ। ଏ ଦୀଗରେ ବିଧିବଧ ତଦନ୍ତ ପାଇଁ ମଧ୍ୟ ସାଧାରଣରେ ଦାବି ହେଉଛି। (ଫଟୋ ଯାଇଛି)

ମରଣାନ୍ତକ ଆକ୍ରମଣ ଘଟଣାରେ ଅଭିଯୋଗକାରୀଙ୍କୁ ମିଳୁନି ନ୍ୟାୟ

କଣ୍ଟାପଡ଼ା (ଆ.ପ୍ର): କଣ୍ଟାପଡ଼ା ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତର ମଜୁରାଇ ଗ୍ରାମରେ ଗତ ୨୯ ତାରିଖ ରାତିରେ ୩ଜଣ ଦୁର୍ବୃତ୍ତ ସେହି ଗ୍ରାମର ବ୍ୟକ୍ତି ପାର୍ଥସାରଥି ପାତ୍ରଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହିତ ଷାଠିଏ ହଜାର ଟଙ୍କା ଓ ମୋବାଇଲ୍ ପୋନ୍ ଛଡ଼ାଇ ନେଇଯାଇଥିବା ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏବଂ ଏଥିସହିତ ପ୍ରାଥମିକ ସରକାରୀ ଚିକିତ୍ସା କେନ୍ଦ୍ରରେ ଚିକିତ୍ସା ହେବା ସହିତ ବୈଧିକ ଚିକିତ୍ସା ପାଇଁ କଟକ ବଡ଼ ମେଡ଼ିକାଲ୍‌କୁ ସୁପାରିସ କରାଯାଇଥିଲା। ହେଲେ ଏତଲା ଦେଲାପରେ କାହା ଚାପରେ ମମଲା ରୁଜୁ କରିନଥିଲା। ଗଣ ମାଧ୍ୟମରେ ଖବର ପ୍ରଶାରଣ ପରେ ପୋଲିସ୍ ବାଧ୍ୟ ହୋଇ ତାରିଖ ବଦଳାଇ ଚାରିଦିନ ପରେ ରୁଜୁକରିଛି। ପୋଲିସ୍ କାହିଁକି ଏହି ଏତଲାରେ ଦଫା ବଦଳାଇଦେଲା। ଯଥା ୩୯୪, ୩୯୫, ୩୦୭ ଭଳି ସଙ୍ଗିନ୍ ଦଫା ନଲଗାଇ କିଛି ମାମୁଲି ଦଫାରେ ମାମଲା ରୁଜୁ କଲା। ସେହିଭଳି ଗତ କିଛିଦିନ ତଳେ ଗୋରୁଗାଡ଼ି ଜବତ ମାମଲାରେ ସଂପୃକ୍ତ ଗାଡ଼ିର କାଗଜପତ୍ର ଓ ଡ୍ରାଇଭିଂ ଲାଇସେନ୍ସ ନଥିବାବେଳେ ଏମ୍‌ଭିଆଇ ଆକ୍ଟ ଲଗାଇଲା ନାହିଁ। ଟଙ୍କା ଲାଞ୍ଚ ମାମଲା ୧୩(୧)୭ ଆକ୍ଟ ଲଗାଇଲା ନାହିଁ। ସେହିଭଳି ଗୁଣାଦଳ ଗ୍ରାମର ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ମରାଣନ୍ତକ ଆକ୍ରମଣ ହୋଇଥିଲେ ମଧ୍ୟ ପୋଲସ୍ ୩୦୭ ଦଫା ରୁଜୁ ନକରି ମାମୁଲି ଦଫାରେ ରୁଜୁ କରିଥିବାରୁ ପିଡ଼ିତା ଅଭିଯୋଗ କରିଛନ୍ତି। ଏଠାରେ ପ୍ରଶ୍ନଉଠୁଛି ଗୋବିନ୍ଦପୁର ଥାନାଟିକୁ ଇନିସ୍‌ପେକ୍ଟର ସ୍ତରୀୟ ଥାନାରେ ପରିଣତ ହେଉଥିଲେ ମଧ ଗୋବିନ୍ଦପୁର ଥାନା କାହା ନିର୍ଦ୍ଦେଶର ପରିଚାଳିତ ରୁଜୁ କରିବା ଓ ସରକାରଙ୍କ ନିୟମ ୨୪ ଘଣ୍ଟା ମଧ୍ୟରେ ଏତଲା ରୁଜୁ କରି ନିୟମ ଥିବାବେଳେ ଗୋବିନ୍ଦପୁର ପୋଲିସ୍ ଚାରିଦିନ ପରେ ତାରିଖ ବଦଳାଇ ମାମଲା ରୁଜୁ କରିଥିବାରୁ ଏହା ଏକ ସନ୍ଦେହ ସୃଷ୍ଟି କରିଛି। ଏହି ଘଟଣାରେ ଜଣେ ସାଧାରଣ ଲୋକ ମାଡ଼ ଖାଇ ଥାନାକୁ ନ୍ୟାୟପାଇଁ ଯିବାବେଳେ ଗୋବିନ୍ଦପୁର ଘଟଣା ଗୋବିନ୍ଦପୁର ଅଞ୍ଚଳରେ ଚର୍ଚ୍ଚାରବିଷୟ ହୋଇଛି। ଏହି ଘଟଣାକୁ ଗ୍ରାମାଞ୍ଚଳ ଏସ୍‌ପି ସିସିଟିଭିକୁ ଯାଞ୍ଚ କଲେ ପ୍ରକୃତ ସତ୍ୟ ପଦାକୁ ଆସିବା ସହିତ ଦୋଷି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

ବିଜେପି ପକ୍ଷରୁ ରକ୍ତଦାନ ଶିବିର

blood Camp by BJP at
Sasang.jpg
Type: JPEG Image
Size: 547 KB
Dimension: 4160 x 1872 pixels

ବାଲେଶ୍ୱର (ଆପ୍ର): ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ତିରୋଧାନ ସପ୍ତାହ ପାଳନ ଅବସରରେ ସେବା ହିଁ ସଂଗଠନ ଅଭିଯାନ ଆନୁକୂଲ୍ୟରେ ବିଜେପି ଶାସନଙ୍ଗ ଶାଖା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶାସଙ୍ଗ ଉପ୍ରା ବିଦ୍ୟାଳୟ ପରିସରରେ ଆୟୋଜିତ ଶିବିରକୁ ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଆନୁଷ୍ଠାନିକ ଭାବେ ଉଦଘାଟନ ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଜିଲା ସମ୍ପାଦକ ଆଶିଷ ଘୋଷ, ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, ସ୍ଥାନୀୟ ୱାର୍ଡ଼ ସଭ୍ୟ ଶେଖ ସାହିଦ ପ୍ରମୁଖ ଏଥିରେ ଯୋଗଦେଇ ରକ୍ତର ଅଭାବ ପୂରଣରେ ଯୁବଗୋଷ୍ଠୀଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଶିବିର ଶେଷ ସୁଦ୍ଧା ୫୦ଜଣ ରକ୍ତଦାନ କରିଥିଲେ। ଜୟନ୍ତ ଦାସ, ସୁବୋଧ ଚନ୍ଦ୍ର ପଣ୍ଡା, ରଣଜିତ କୁମାର ପୃଷ୍ଟି, ଶରତ ବାରିକ ପ୍ରମୁଖ ବିଜେପି କର୍ମକର୍ତ୍ତାଙ୍କ ସମେତ ବହୁ ଗ୍ରାମବାସୀ ଏହି ଶିବିର ପରିଚାଳନା କରିଥିଲେ।

ବିଦ୍ୟାପୀଠରୁ ଚୋରି ଘଟଣାରେ ୨ଗିରଫ

କେନ୍ଦ୍ରାପଡ଼ା(ଆ.ପ୍ର):ନିକିରାଇ ଥାନା ଅନ୍ତର୍ଗତ ଢୋଲ ଗ୍ରାମର ମା ମଙ୍ଗଳା ବିଦ୍ୟାପୀଠରୁ ଚଳିତମାସ ୧ତାରିଖ ବିଳମ୍ବିତ ରାତିରେ ଚୋରୀ ହୋଇଥିବା ନେଇ ଅଭିଯୋଗ ହୋଇଛି। ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ନିର୍ମଳ କୁମାର ନାୟକ ଅଭିଯୋଗ କରିଛନ୍ତି ଯେ ବିଦ୍ୟାପୀଠରେ ଜଣେ ପିଅନ ଶୋଇଥିବା ବେଳେ ସେହି ଘରକୁ ବାହାର ପଟୁ ତାଲା ପକାଇ ବନ୍ଦ କରି ସ୍କୁଲର ରୁମରେ ପଡିଥିବା ତାଲାକୁ ଲୁହାରଡରେ ତଡାଯାଇ ୨୧ହଜାର ଟଙ୍କା ମୂଲ୍ୟର ୨ଟି ଆକୁଆଗାର୍ଡ ଚୋରି କରିନିଆଯାଇଛି। ସେହି ଚୋରୀ ଘଟଣାରେ ନିକିରାଇ ଥାନା ପୋଲିସ ସୁନିଲ ରାଉତ ଏବଂ ପପୁ ରାଉତ ନାମକ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୋଲିସ ସୁତ୍ରରୁ ଜଣାପଡିଛି ।

ନିର୍ମାଣ ଶ୍ରମିକଙ୍କ ମୁହଁରେ ହସ ଫୁଟାଇଲେ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ

ଢେଙ୍କାନାଳ (ଆ.ପ୍ର): ଢେଙ୍କାନାଳ ଜିଲ୍ଲା ବାଲ୍ୟାମ୍ବା ଗ୍ରାମପଂଚାୟତର ତିନି ଶ୍ରମିକ ବହୁ ପ୍ରତୀକ୍ଷା ପରେ ଶ୍ରମିକ ପେନସନ ଯୋଜନାରେ ଲାଭ ପାଇଲେ । ସୂଚନା ମୁତାବକ ବାଲ୍ୟାମ୍ବା ଗ୍ରାମପଂଚାୟତର ଦେବରାଜ ବେହେରା, ଲକ୍ଷ୍ମଣ ପଣ୍ଡା ଓ ବିଶ୍ୱନାଥ ବେହେରାଙ୍କୁ ଓଡିଶା ସରକାରଙ୍କ ଶ୍ରମିକ ପେନସନ ଯୋଜନାରେ ତା.୭.୬.୨୦୧୬ ମସିହାରେ ଅନ୍ତର୍ଭୁକ୍ତ କରିଥିଲେ । ହେଲେ ଦୀର୍ଘଦିନ ବିତି ଯାଇଥିଲେମଧ ଏହି ସୁବିଧା ପାଇପାରିନଥିଲେ । ସମାଜସେବୀ ଅଖିଳ ରାଉତ ଓ ଯୁବଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଶୁଭାଶିଷ ମହାପାତ୍ରଙ୍କ ଚେଷ୍ଟାରେ ଏହି ତିନି ଶ୍ରମିକ ପେନସନ ଯୋଜନାର ଲାଭ ପାଇପାରିଛନ୍ତି। ସମାଜସେବୀ ଅଖିଳ ରାଉତ ଓ ଯୁବଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଶୁଭାଶିଷ ମହାପାତ୍ର ଶ୍ରମିକ ପେନସନ ଭୋଗୀଙ୍କ ମୁହଁରେ ହସ ଫୁଟାଇ ପାରିଛନ୍ତି । ହିତାଧିକାରୀମାନେ ସରକାର ଓ ଯୁବ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ଜୁବୁଲି ଟାଉନ୍ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କଲେ ସାଂସଦ

ଢେଙ୍କାନାଳ (ଆପ୍ର): ଢେଙ୍କାନାଳ ପୌରାଞ୍ଚଳର ଦେଉଳସାହି ସ୍ଥିତ ଜୁବୁଲି ଟାଉନ୍ ଉଚ୍ଚପ୍ରାଥମିକ ବିଦ୍ୟାଳୟର କର୍ତ୍ତୃପକ୍ଷ ଏବଂ ଉକ୍ତ ସ୍କୁଲ୍‌ର ପୁରାତନ ଛାତ୍ର ସଂସଦଙ୍କ ମିଳିତ ଉଦ୍ୟମରେ ସ୍କୁଲ୍ ପ୍ରାଙ୍ଗଣରେ ଏକ ସାଧାରଣ ସଭା କୋଭିଡ୍-୧୯ର ନିୟମ ଅନୁପାଳନ ପୂର୍ବକ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଢେଙ୍କାନାଳ ସାଂସଦ ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍କୁଲ୍‌ର ଭଲମନ୍ଦ ସମ୍ପର୍କରେ ଅବଗତ ହୋଇଥିଲେ । ୧୯୫୩ ମସିହାରୁ ପ୍ରତିଷ୍ଠିତ ଉକ୍ତ ସ୍କୁଲ୍ ବହୁ ପ୍ରତିଭାଙ୍କୁ ଜନ୍ମ ଦେଇଥିଲେ ମଧ୍ୟ ଆଜି ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ସାଧାରଣରେ କ୍ଷୋଭ ପ୍ରକାଶ ପାଇଥିଲା । ଉକ୍ତ ଅବସ୍ଥାକୁ ସୁଧାରି ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ବିଭିନ୍ନ ଉପାୟ ବିଷୟରେ ଆଲୋଚନାରେ ସ୍କୁଲ୍‌ର ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ଶତପଥୀ, ପୁରାତନ ଛାତ୍ର ସଂସଦର ସଭାପତି ପରେଶ ଚନ୍ଦ୍ର ପଟ୍ଟନାୟକ, ଅନ୍ୟାନ୍ୟ ଶିକ୍ଷା ଅଧିକାରୀଗଣ ଉପସ୍ଥିତ ଥିଲେ । ମାନ୍ୟବର ସାଂସଦ ଶ୍ରୀ ସାହୁ ସେମାନଙ୍କର ସୁ-ଚିନ୍ତିତ ମତାମତ ପ୍ରଦାନ କରିଥିବା ବେଳେ ମୁଖ୍ୟତଃ 'ମୋ ସ୍କୁଲ୍ ଅଭିଯାନ' କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇ ସମସ୍ତଙ୍କୁ ଅନୁରୋଧ କରିଥିଲେ କି ସମସ୍ତେ ନିଜନିଜର ମନ, ପ୍ରାଣ ଏବଂ ସମୟ ଦେଇ ଯତ୍ କିଞ୍ଚିତ୍ ଅର୍ଥ ସାହାଯ୍ୟ କରି ନିୟମିତ ଭାବେ ବିଦ୍ୟାଳୟକୁ ପ୍ରତିମାସରେ ଥରେ ଆସି ଉନ୍ନତି ମୂଳକ କାର୍ଯ୍ୟଗୁଡିକୁ ଆଗେଇ ନେବାରେ ସାହାଯ୍ୟ କଲେ ଏହାର ସୁଫଳ ନିଶ୍ଚିତ ଭାବେ ବିଦ୍ୟାଳୟକୁ ତଥା ସ୍ଥାନୀୟ ଜନସାଧାରଣଙ୍କୁ ମିଳିପାରିବ । ସାଂସଦ ନିଜେ କାୟମନୋବାକ୍ୟରେ ସମସ୍ତ ପ୍ରକାର ସାହାଯ୍ୟ କରିବା ନିମନ୍ତେ ପ୍ରତିଶ୍ରୁତି ଦେଲେ ।

ଜିଲ୍ଲାର ସ୍ୱାସ୍ଥ୍ୟସେବା ସମ୍ପର୍କରେ କେନ୍ଦ୍ରମନ୍ତ୍ରୀଙ୍କ ସହ ମେଡିକାଲ କ୍ରିୟାନୁଷ୍ଠାନ କମିଟିର ଆଲୋଚନା

ବାଲେଶ୍ୱର (ଆପ୍ର): କୋଭିଡ ପ୍ରତିଷେଧକ ଟିକାଦାନକୁ ଶୃଙ୍ଖଳିତ ଓ ତ୍ୱରାନ୍ୱିତ କରିବା ଏବଂ ବାଲେଶ୍ୱର ଜିଲାରେ ସ୍ୱାସ୍ଥ୍ୟସେବାର ଉନ୍ନତି ସମ୍ପର୍କରେ ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧିମାନେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସହ ସ୍ଥାନୀୟ ସର୍କିଟ ହାଉସରେ ସାକ୍ଷାତ ଆଲୋଚନା ସହ ମେଡିକାଲ କଲେଜ ସଂଲଗ୍ନ ନିର୍ମାଣାଧୀନ ୬୫୦ ଶଯ୍ୟା ବିଶିଷ୍ଟ ହସପିଟାଲର ନିର୍ମାଣ କାର୍ଯ୍ୟ, ଦୁଇପାର୍ଶ୍ୱରୁ ସଂଯୋଗ ରାସ୍ତା, କଲେଜର ମୁଖ୍ୟ ଫାଟକ ନିର୍ମାଣ, ମଂଜୁରୀ ପ୍ରାପ୍ତ ନର୍ସିଂ କଲେଜ୍ ପାଇଁ ସ୍ଥାନ ନିରୂପଣ, ଏମସ୍ ବହିଃ ବିଭାଗକୁ କାର୍ଯ୍ୟକ୍ଷମ କରିବା ପ୍ରଭୃତି ସମସ୍ୟା ସମ୍ପର୍କରେ କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରତିନିଧିମାନେ ଅବଗତ କରାଇଥିଲେ। ଏନେଇ ମେଡିକାଲ କଲେଜ ସ୍ୱାସ୍ଥ୍ୟସେବା ସମିତିର ବୈଠକ ତୁରନ୍ତ ଆହ୍ୱାନ କରିବାକୁ ମନ୍ତ୍ରୀ ମହୋଦୟଙ୍କୁ ଅନୁରୋଧ କରାଯାଇଛି। ହସପିଟାଲ ପରିସରରେ ଏକମୋ ମେସିନ ପ୍ରତିଷ୍ଠା ପାଇଁ ପୂର୍ବ ଦାବି ସମ୍ପର୍କରେ ମନ୍ତ୍ରୀଙ୍କୁ ପ୍ରତିନିଧିମାନେ ସ୍ମରଣ କରାଇଥିଲେ। ସମସ୍ତ ସମସ୍ୟା ସମ୍ପର୍କରେ ତୁରନ୍ତ ଉଚିତ ପଦକ୍ଷେପ ସହ ଟିକାକରଣକୁ ଶୃଙ୍ଖଳିତ କରିବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନାରେ କ୍ରିୟାନୁଷ୍ଠାନ କମିଟିର ଉପଦେଷ୍ଟା ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ସମେତ ନିରଞ୍ଜନ ରାଉତ, ନିରଞ୍ଜନ ପରିଡ଼ା, ସୀତାରାମ ପ୍ରଧାନ ଓ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପରେ କ୍ରିୟାନୁଷ୍ଠାନ କମିଟିର ଏକ ସ୍ୱତନ୍ତ୍ର ବୈଠକ ମମତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲାବାସୀଙ୍କ ସାମଗ୍ରିକ ସ୍ୱାର୍ଥ ପାଇଁ ମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ ଦେଇଥିବା ପ୍ରତିଶ୍ରୁତିକୁ ନେଇ ସମସ୍ତେ ଆଶା ପୋଷଣ କରଥିଲେ। ରାଜ୍ୟ ସରକାର ବାଲେଶ୍ୱରରେ ନର୍ସିଂ କଲେଜ ପ୍ରତିଷ୍ଠା ପାଇଁ ଘୋଷଣା କରି ସାରିଥିବାରୁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ବୈଠକରେ ଧନ୍ୟବାଦ ଦିଆଯାଇଥିଲା। ଏନେଇ ପ୍ରଶାସନ ତୁରନ୍ତ ଆବଶ୍ୟକୀୟ ସ୍ଥାନ ନିରୂପଣ କରିବାକୁ ଦାବି କରାଯାଇଛି। ସେହିଭଳି ଆମେରିକାର ଜର୍ଜିଆ ଓଡ଼ିଆ ସୋସାଇଟି କରୋନାର ମୁକାବିଲା ପାଇଁ ବାଲେଶ୍ୱର ଜିଲାକୁ ସହାୟତା ପ୍ରଦାନ କରିଥିବାରୁ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରଯାଇଥିଲା। ବୈଠକରେ ସାଧାରଣ ସମ୍ପାଦକ ପ୍ରଦୀପ ଦାସ କୋଷାଧକ୍ଷ ପ୍ରଫୁଲ୍ଲ ଦାସ, ପ୍ରଭାକର ସାହୁ, ଇଂ. ବନମାଳି ନାୟକ, ଶ୍ୟାମସୁନ୍ଦର ଜେନା, କିସମାତୁନ ବିବି ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ। ପ୍ରମିତା ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ଇ-ନିଲାମ ପାଇଁ ସର୍ବସାଧାରଣ ଘୋଷଣା
କେଏସ୍‌ଏସ୍ ପେଟ୍ରୋନ୍ ପ୍ରାଇଭେଟ୍ ଲିମିଟେଡ୍

(ଇନସଲଭାନ୍ସି ଆଣ୍ଡ ବ୍ୟାଙ୍କରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ଲିକ୍ୟୁଡେସନ ପ୍ରୋସେସ୍) ରେଗୁଲେସନ୍ସ, ୨୦୧୬ର ରେଗୁଲେସନ୍ସ ୩୨ ଓ ୩୩ ଅଧୀନରେ)

ଏହି ନୋଟିସ ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ କେଏସ୍‌ଏସ୍ ପେଟ୍ରୋନ୍ ପ୍ରାଇଭେଟ୍ ଲିମିଟେଡ୍ ("କର୍ପୋରେଟ୍ ରଣଗ୍ରହୀତା")ର ଲିକ୍ୟୁଡେଟର ଇ-ନିଲାମ ପାଇଁ ନିଲାମଧାରୀଙ୍କଠାରୁ ଆବେଦନପତ୍ର ଆହ୍ୱାନ କରୁଛନ୍ତି । କର୍ପୋରେଟ ରଣଗ୍ରହୀତାର ଅଧିଗ୍ରହଣ ନିମ୍ନ ଟେବୁଲରେ ଦର୍ଶାଯାଇଥିବା ବିବରଣୀ ଅନୁସାରେ କରାଯିବ । ଇ-ନିଲାମ ପ୍ରକ୍ରିୟା ଅନ୍‌ଲାଇନ୍ ଇ-ନିଲାମ ଏଜେନ୍ସି, ଇ-ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜିସ୍ ଲିମିଟେଡ୍ ଭାୟା-ୱେବସାଇଟ୍ : https//:ncltauction.auctiontiger.net ମାଧ୍ୟମରେ ଶୁକ୍ରବାର, ୨୭.୦୮.୨୦୨୧ କିମ୍ବା ଅନ୍ୟକୌଣସି ତାରିଖରେ ଯାହା ଲିକ୍ୟୁଡେଟରଙ୍କ ଦ୍ୱାରା ନିଲାମଧାରୀଙ୍କୁ ଅବଗତ କରାଯିବ, ସେହିଦିନ କରାଯିବ ।

ରେଲେଭାଣ୍ଟ ବିବରଣୀ

୧.	କର୍ପୋରେଟ୍ ରଣଗ୍ରହୀତାଙ୍କ ନାମ	କେଏସ୍‌ଏସ୍ ପେଟ୍ରୋନ୍ ପ୍ରାଇଭେଟ୍ ଲିମିଟେଡ୍
୨.	କର୍ପୋରେଟ୍ ରଣଗ୍ରହୀତାଙ୍କ ଇନ୍‌କର୍ପୋରେସନ ତାରିଖ	୧୯.୦୭.୨୦୦୭
୩.	କର୍ପୋରେଟ୍ ରଣଗ୍ରହୀତା ଇନକର୍ପୋରେଟେଡ୍/ ପଞ୍ଜିକୃତ ହୋଇଥିବା ଅଧିକାରୀ	ରେଜିଷ୍ଟ୍ରାର ଅଫ୍ କମ୍ପାନୀଜ୍, ମୁମ୍ବାଇ(ମହାରାଷ୍ଟ୍ର)
୪.	କର୍ପୋରେଟ୍ ରଣଗ୍ରହୀତାଙ୍କ କର୍ପୋରେଟ୍ ଆଇଡେଣ୍ଟି ନଂ	ୟୁ୪୫୪୦୦ଏମ୍‌ଏଚ୍୨୦୦୭ପିଟିସି୨୩୪୨୯୭
୫.	କର୍ପୋରେଟ୍ ରଣଗ୍ରହୀତାଙ୍କ ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା ଚେମ୍ବୁର ମୁମ୍ବାଇ-୪୦୦୦୭୧	ସ୍ୱସ୍ତିକ ଚାମ୍ବର୍ସ, ଷଷ୍ଠ ତାଲା, ସିଅନ୍ ଟ୍ରୋମ୍ବେରୋଡ୍,
୬.	କର୍ପୋରେଟ୍ ରଣଗ୍ରହୀତାଙ୍କ ଲିକ୍ୟୁଡେସନ କମେନ୍ସମେଣ୍ଟ ତାରିଖ	୨୭.୦୧୨.୨୦୧୯
୭.	ଲିକ୍ୟୁଡେଟରଙ୍କ ନାମ,ଠିକଣା,ଇମେଲ୍ ଠିକଣା ଏବଂ ପଞ୍ଜିକରଣ ନମ୍ବର	ସିଏସ୍ ଭିନୀତ କେ ଚୌଧୁରୀ ଆଇବିବିଆଇ/ଆଇପିଏ-୦୦୨/ଆଇପି-ଏନ୍୦୦୧୦୩/ ୨୦୧୭-୧୮/୧୦୨୪୬ ପ୍ରୋସେସ୍ ସ୍ପେସିଫିକ୍ ଇ-ମେଲ ଆଇଡି : liquidatorksspetron@vkcindia.com ଆଇବିବିଆଇରେ ପଞ୍ଜିକୃତ ଇ-ମେଲ ଆଇଡି : ip.vineetchaudhary@gmail.com ଡି-୩୮,ଏଲଜିଏଫ(ଏଲ/ଏସ୍),ସାଉଥ୍ ଏକ୍ସଟେନ୍‌ସନ, ପାର୍ଟ-୨,ନୂଆଦିଲ୍ଲୀ-୧୧୦୦୪୯
୮.	ଇ-ନିଲାମ ତାରିଖ ଏବଂ ସମୟ	ନିଲାମ ଆରମ୍ଭ ତାରିଖ ଏବଂ ସମୟ: ୨୭.୦୮.୨୦୨୧ ପୂର୍ବାହ୍ନ ୧୧ଟା ନିଲାମ ଶେଷ ତାରିଖ ଏବଂ ସମୟ: ୨୭.୦୮.୨୦୨୧ ଅପରାହ୍ନ ୫ଟା
୯.	ନିଲାମ ପ୍ଲାଟଫର୍ମ ବିବରଣୀ	https//:ncltauction.auctiontiger.net
୧୦.	ଡକ୍ୟୁମେଣ୍ଟ ହାସଲ ପ୍ରକ୍ରିୟା	ଇ-ନିଲାମ ପ୍ରକ୍ରିୟାର ସମ୍ପୂର୍ଣ୍ଣ ସର୍ତ୍ତ ଓ ନିୟମାବଳୀ ପ୍ରୋସେସ୍ ଡକ୍ୟୁମେଣ୍ଟରେ ରହିଛି । ଏହାକୁ ନଲାମଧାରୀ କର୍ପୋରେଟ୍ ରଣଗ୍ରହୀତାଙ୍କ ୱେବସାଇଟ୍ http//:www.ksspetron.in ରୁ କିମ୍ବା liquidatorksspetron@vkcindia.com କୁ ଇ-ମେଲ୍ ଜରିଆରେ ଅନୁରୋଧ କରି ହାସଲ କରିପାରିବେ ।
୧୧.	ଇଓଆଇ କିମ୍ବା ନିଲାମ ଆବେଦନପତ୍ର ଦାଖଲ କରିବାର ଧାରା	ଇ-ନିଲାମ ପ୍ରକ୍ରିୟା ମାଧ୍ୟମରେ ବିଡିଂ ଅନୁଷ୍ଠିତ ହେବ । ଇ-ନିଲାମର ଧାରା ପ୍ରୋସେସ୍ ଡକ୍ୟୁମେଣ୍ଟ କର୍ପୋରେଟ ରଣଗ୍ରହୀତାଙ୍କ ୱେବସାଇଟ୍‌ରେ ଦର୍ଶାଯାଇଛି । ଏହାକୁ liquidatorksspetron@vkcindia.com କୁ ଇ-ମେଲ୍ ଜରିଆରେ ଅନୁରୋଧ କରି ମଧ୍ୟ ହାସଲ କରିହେବ ।
୧୨.	ବିକ୍ରୟ ପ୍ରକ୍ରିୟା	ଖୋଲା ଇ-ନିଲାମ ପ୍ରକ୍ରିୟାରେ ବିକ୍ରୟ କରାଯିବ । ଏଠାରେ ବିଡରମାନେ ସର୍ବାଧିକ ବିଡ୍‌କୁ ଓପନୱିଣ୍ଡୋ ମାଧ୍ୟମରେ ଦେଖିପାରିବେ ।
୧୩.	ଟାଇମ୍‌ଲାଇନ୍ ଏବଂ ଇଏମ୍‌ଡି ସହ ଆବଶ୍ୟକ ଯୋଗ୍ୟତା ଏବଂ ଅନ୍ୟ ବିବରଣୀ	କର୍ପୋରେଟ ରଣଗ୍ରହୀତାଙ୍କ ୱେବସାଇଟ୍‌ରେ ଅପ୍‌ଲୋଡ୍ କରା ଯାଇଥିବା କିମ୍ବା liquidatorksspetron@vkcindia.com କୁ ଇ-ମେଲ୍ ଜରିଆରେ ଅନୁରୋଧ କରି ମଧ୍ୟ ହାସଲ କରାଯାଇଥିବା ପ୍ରୋସେସ ଡକ୍ୟୁମେଣ୍ଟ ଅନୁସାରେ ।
୧୪.	ରିଜର୍ଭ ମୂଲ୍ୟ ଏବଂ ବିଡ୍ ଇନକ୍ରିମେଣ୍ଟାଲ ମୂଲ୍ୟ	ଆଇଏନ୍‌ଆର ୧୧୯.୦୬ କୋଟି; ବିଡ୍ ଇନକ୍ରିମେଣ୍ଟ ଟ.୧.୫୦କୋଟିର ମଲ୍ଟିପୁଲ ହେବା ଉଚିତ

ଏଠାରେ ଦର୍ଶାଯାଇଥିବା କୌଣସି ତଥ୍ୟ ବାଇଣ୍ଡିଂ ଅଫର ହେବ ନାହିଁ କିମ୍ବା କର୍ପୋରେଟ୍ ରଣଗ୍ରହୀତାଙ୍କ ସଂପୂର୍ଣ୍ଣ ଅଧିଗ୍ରହଣ ପାଇଁ କମିଟମେଣ୍ଟ ହେବ ନାହିଁ ।
କର୍ପୋରେଟ ରଣଗ୍ରହୀତାଙ୍କ ସଂପୂର୍ଣ୍ଣ ଅଧିଗ୍ରହଣ ଏକ ନିର୍ଦ୍ଧାରିତ ପ୍ରକ୍ରିୟା 'ଯେଉଁଠାରେ', 'ଯାହା', 'ଯେଉଁପରି', ଏବଂ ଅନ୍ୟ କୌଣସି କାରଣ ନ ଦର୍ଶାଇ ଅନୁଷ୍ଠିତ ହେବ । ଏହି ପ୍ରକ୍ରିୟା କର୍ପୋରେଟ୍ ରଣଗ୍ରହୀତା କିମ୍ବା ଲିକ୍ୟୁଡେଟରଙ୍କ ବିନା ୱାରେଣ୍ଟିରେ କରାଯିବ । ଇ-ନିଲାମ ପ୍ରକ୍ରିୟା ଇନସଲଭାନ୍ସି ଆଣ୍ଡ ବ୍ୟାଙ୍କରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ଲିକ୍ୟୁଡେସନ ପ୍ରୋସେସ୍) ରେଗୁଲେନ୍ସ ୨୦୧୬ ଅନୁସାରେ କରାଯିବ । ଆଶାୟୀ ବିଡରମାନେ କର୍ପୋରେଟ ରଣଗ୍ରହୀତାର ସମଗ୍ର ଅଧିଗ୍ରହଣ କିମ୍ବା ଏହାର ଅଂଶଧାରଣ କରିବେ ତାହା ଲିକ୍ୟୁଡେଟରଙ୍କ ଦ୍ୱାରା ସ୍ଥିର କରାଯିବ । ଏ କ୍ଷେତ୍ରରେ ଆଶାୟୀ ବିଡରଙ୍କ କ୍ରେଡେନ୍ସିଆଲ ଏବଂ ପ୍ରୋସେସ୍ ଡକ୍ୟୁମେଣ୍ଟରେ ଦର୍ଶାଯାଇଥିବା ସର୍ତ୍ତ ଓ ନିୟମାବଳୀକୁ ଅନୁସରଣ କରାଯିବ । ଏହି ସର୍ବସାଧାରଣ ସୂଚନା ଇନସଲଭାନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍ ୨୦୧୬ ("କୋଡ୍")ର ଅଧିନିୟମ ଅନୁସାରେ କରାଯାଉଛି । ଲିକ୍ୟୁଡେଟରଙ୍କ ନିକଟରେ ଏହି ନୋଟିସରେ ପରିବର୍ତ୍ତନ କରିବାର ଅଧିକାର ରହିଛି । ସେ କୌଣସି କାରଣ ନ ଦର୍ଶାଇ ଏପରି କରିପାରିବେ । ଯଦି ଆବେଦନପତ୍ର କ୍ଷେତ୍ରରେ ଏପରି କିଛି ପରିବର୍ତ୍ତନ କରାଯାଏ ତେବେ ତାହା କର୍ପୋରେଟ ରଣଗ୍ରହୀତାଙ୍କ ୱେବସାଇଟ୍ http//:www.ksspetron.in ରେ ଦର୍ଶାଯିବ ।
ଅଧିକ ସୂଚନା କିମ୍ବା କ୍ଲାରିଫିକେସନ ପାଇଁ ଆପଣ ଦୟାକରି ଲିକ୍ୟୁଡେଟରକୁ ୦୧୧-୪୯୧୨୧୬୪୪-୪୫ କିମ୍ବା ତାଙ୍କ ଟିମ୍ ସଦସ୍ୟଙ୍କୁ ସିଏସ୍ ଲୋଭ୍‌ପେସ୍ ବାତ୍ରାଙ୍କୁ +୯୧ ୮୩୯୮୯-୯୪୫୪୭ରେ ଯୋଗାଯୋଗ କରିପାରିବେ ।

କେଏସ୍‌ଏସ୍ ପେଟ୍ରୋନ୍ ପ୍ରାଇଭେଟ୍ ଲିମିଟେଡ୍ ପାଇଁ
ସ୍ୱା/-
ସିଏସ୍ ଭିନୀତ କେ ଚୌଧୁରୀ ଲିକ୍ୟୁଡେଟର
କେଏସ୍‌ଏସ୍ ପେଟ୍ରୋନ ପ୍ରାଇଭେଟ୍ ଲିମିଟେଡ୍ ମାମଲାରେ
ଆଇବିବିଆଇ ପଞ୍ଜିକରଣ ନମ୍ବର : ଆଇବିବିଆଇ/ଆଇପିଏ-୦୦୨/ଆଇପି-ଏନ୍୦୦୧୦୩/ ୨୦୧୭-୧୮/୧୦୨୪୬
iquidatorksspetron@vkcindia.com (ପ୍ରୋସେସ୍ ସ୍ପେସିଫିକ)
ip.vineetchaudhary@gmail.com (ଆଇବିବିଆଇରେ ପଞ୍ଜିକୃତ)
ଆଇବିବିଆଇରେ ପଞ୍ଜିକୃତ ଲିକ୍ୟୁଡେଟରଙ୍କ ଠିକଣା
ଡି-୩୮,ଏଲଜିଏଫ(ଏଲ/ଏସ୍),ସାଉଥ୍ ଏକ୍ସଟେନ୍‌ସନ, ପାର୍ଟ-୨,ନୂଆଦିଲ୍ଲୀ-୧୧୦୦୪୯

ତାରିଖ : ୫ ଜୁଲାଇ ୨୦୨୧
ସ୍ଥାନ : ନୂଆଦିଲ୍ଲୀ

ଇ-ନିଲାମ ପାଇଁ ସର୍ବସାଧାରଣ ଘୋଷଣା
ପେଟ୍ରୋନ୍ ଇଞ୍ଜିନିୟରିଂ କନ୍‌ଷ୍ଟ୍ରକ୍ସନ୍ ଲିମିଟେଡ୍

(ଇନସଲଭାନ୍ସି ଆଣ୍ଡ ବ୍ୟାଙ୍କରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ଲିକ୍ୟୁଡେସନ ପ୍ରୋସେସ୍) ରେଗୁଲେସନ୍ସ, ୨୦୧୬ର ରେଗୁଲେସନ୍ସ ୩୨ ଓ ୩୩ ଅଧୀନରେ)

ଏହି ନୋଟିସ ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ କେଏସ୍‌ଏସ୍ ପେଟ୍ରୋନ୍ ପ୍ରାଇଭେଟ୍ ଲିମିଟେଡ୍ ("କର୍ପୋରେଟ୍ ରଣଗ୍ରହୀତା")ର ଲିକ୍ୟୁଡେଟର ଇ-ନିଲାମ ପାଇଁ ନିଲାମଧାରୀଙ୍କଠାରୁ ଆବେଦନପତ୍ର ଆହ୍ୱାନ କରୁଛନ୍ତି । କର୍ପୋରେଟ ରଣଗ୍ରହୀତାର ଅଧିଗ୍ରହଣ ନିମ୍ନ ଟେବୁଲରେ ଦର୍ଶାଯାଇଥିବା ବିବରଣୀ ଅନୁସାରେ କରାଯିବ । ଇ-ନିଲାମ ପ୍ରକ୍ରିୟା ଅନ୍‌ଲାଇନ୍ ଇ-ନିଲାମ ଏଜେନ୍ସି, ଇ-ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜିସ୍ ଲିମିଟେଡ୍ ଭାୟା-ୱେବସାଇଟ୍ : https//:ncltauction.auctiontiger.net ମାଧ୍ୟମରେ ଶୁକ୍ରବାର, ୨୭.୦୮.୨୦୨୧ କିମ୍ବା ଅନ୍ୟକୌଣସି ତାରିଖରେ ଯାହା ଲିକ୍ୟୁଡେଟରଙ୍କ ଦ୍ୱାରା ନିଲାମଧାରୀଙ୍କୁ ଅବଗତ କରାଯିବ, ସେହିଦିନ କରାଯିବ ।

ରେଲେଭାଣ୍ଟ ବିବରଣୀ

୧.	କର୍ପୋରେଟ୍ ରଣଗ୍ରହୀତାଙ୍କ ନାମ	ପେଟ୍ରୋନ୍ ଇଞ୍ଜିନିୟରିଂ କନ୍‌ଷ୍ଟ୍ରକ୍ସନ୍ ଲିମିଟେଡ୍
୨.	କର୍ପୋରେଟ୍ ରଣଗ୍ରହୀତାଙ୍କ ଇନ୍‌କର୍ପୋରେସନ ତାରିଖ	୧୯.୦୭.୨୦୦୭
୩.	କର୍ପୋରେଟ୍ ରଣଗ୍ରହୀତା ଇନକର୍ପୋରେଟେଡ୍/ ପଞ୍ଜିକୃତ ହୋଇଥିବା ଅଧିକାରୀ	ରେଜିଷ୍ଟ୍ରାର ଅଫ୍ କମ୍ପାନୀଜ୍, ମୁମ୍ବାଇ(ମହାରାଷ୍ଟ୍ର)
୪.	କର୍ପୋରେଟ୍ ରଣଗ୍ରହୀତାଙ୍କ କର୍ପୋରେଟ୍ ଆଇଡେଣ୍ଟି ନଂ	ଏଲ୍୪୫୨୦୨ଏମ୍‌ଏଚ୍୧୯୭୬ପିଏଲ୍‌ସି୦୧୯୧୩୫
୫.	କର୍ପୋରେଟ୍ ରଣଗ୍ରହୀତାଙ୍କ ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା ଚେମ୍ବୁର ମୁମ୍ବାଇ-୪୦୦୦୭୧	ସ୍ୱସ୍ତିକ ଚାମ୍ବର୍ସ, ଷଷ୍ଠ ତାଲା, ସିଅନ୍ ଟ୍ରୋମ୍ବେରୋଡ୍,
୬.	କର୍ପୋରେଟ୍ ରଣଗ୍ରହୀତାଙ୍କ ଲିକ୍ୟୁଡେସନ କମେନ୍ସମେଣ୍ଟ ତାରିଖ	୦୫.୦୨.୨୦୨୦ (ସମ୍ମାନୀୟ ଆଡଜୁଡିକେଟିଂ ଅଥରିଟିଙ୍କ ତରଫରୁ ୨୩.୦୧.୨୦୨୦ରେ ଜାରି ନିର୍ଦ୍ଦେଶନାମା ବଳରେ ଏହାର ଏକ କପି ସମ୍ମାନୀୟ ଏନସିଏଲଟିଙ୍କ ୱେବସାଇଟ୍‌ରେ ୦୫.୦୨.୨୦୨୦ରୁ ଉପଲବ୍ଧ ଅଛି ।
୭.	ଲିକ୍ୟୁଡେଟରଙ୍କ ନାମ,ଠିକଣା,ଇମେଲ୍ ଠିକଣା ଏବଂ ପଞ୍ଜିକରଣ ନମ୍ବର	ସିଏସ୍ ଭିନୀତ କେ ଚୌଧୁରୀ ଆଇବିବିଆଇ/ଆଇପିଏ-୦୦୨/ଆଇପି-ଏନ୍୦୦୧୦୩/ ୨୦୧୭-୧୮/୧୦୨୪୬ ପ୍ରୋସେସ୍ ସ୍ପେସିଫିକ୍ ଇ-ମେଲ ଆଇଡି : liquidatorksspetron@vkcindia.com ଆଇବିବିଆଇରେ ପଞ୍ଜିକୃତ ଇ-ମେଲ ଆଇଡି : ip.vineetchaudhary@gmail.com ଡି-୩୮,ଏଲଜିଏଫ(ଏଲ/ଏସ୍),ସାଉଥ୍ ଏକ୍ସଟେନ୍‌ସନ, ପାର୍ଟ-୨,ନୂଆଦିଲ୍ଲୀ-୧୧୦୦୪୯
୮.	ଇ-ନିଲାମ ତାରିଖ ଏବଂ ସମୟ	ନିଲାମ ଆରମ୍ଭ ତାରିଖ ଏବଂ ସମୟ: ୨୭.୦୮.୨୦୨୧ ପୂର୍ବାହ୍ନ ୧୧ଟା ନିଲାମ ଶେଷ ତାରିଖ ଏବଂ ସମୟ: ୨୭.୦୮.୨୦୨୧ ଅପରାହ୍ନ ୫ଟା
୯.	ନିଲାମ ପ୍ଲାଟଫର୍ମ ବିବରଣୀ	https//:ncltauction.auctiontiger.net
୧୦.	ଡକ୍ୟୁମେଣ୍ଟ ହାସଲ ପ୍ରକ୍ରିୟା	ଇ-ନିଲାମ ପ୍ରକ୍ରିୟାର ସମ୍ପୂର୍ଣ୍ଣ ସର୍ତ୍ତ ଓ ନିୟମାବଳୀ ପ୍ରୋସେସ୍ ଡକ୍ୟୁମେଣ୍ଟରେ ରହିଛି । ଏହାକୁ ନିଲାମଧାରୀ କର୍ପୋରେଟ୍ ରଣଗ୍ରହୀତାଙ୍କ ୱେବସାଇଟ୍ http//:www.petronengineering.com ରୁ କିମ୍ବା liquidatorPECL@vkcindia.com କୁ ଇ-ମେଲ୍ ଜରିଆରେ ଅନୁରୋଧ କରି ହାସଲ କରିପାରିବେ ।
୧୧.	ଇଓଆଇ କିମ୍ବା ନିଲାମ ଆବେଦନପତ୍ର ଦାଖଲ କରିବାର ଧାରା	ଇ-ନିଲାମ ପ୍ରକ୍ରିୟା ମାଧ୍ୟମରେ ବିଡିଂ ଅନୁଷ୍ଠିତ ହେବ । ଇ-ନିଲାମର ଧାରା ପ୍ରୋସେସ୍ ଡକ୍ୟୁମେଣ୍ଟ କର୍ପୋରେଟ ରଣଗ୍ରହୀତାଙ୍କ ୱେବସାଇଟ୍‌ରେ ଦର୍ଶାଯାଇଛି । ଏହାକୁ liquidatorPECL@vkcindia.comକୁ ଇ-ମେଲ୍ ଜରିଆରେ ଅନୁରୋଧ କରି ମଧ୍ୟ ହାସଲ କରିହେବ ।
୧୨.	ବିକ୍ରୟ ପ୍ରକ୍ରିୟା	ଖୋଲା ଇ-ନିଲାମ ପ୍ରକ୍ରିୟାରେ ବିକ୍ରୟ କରାଯିବ । ଏଠାରେ ବିଡରମାନେ ସର୍ବାଧିକ ବିଡ୍‌କୁ ଓପନୱିଣ୍ଡୋ ମାଧ୍ୟମରେ ଦେଖିପାରିବେ ।
୧୩.	ଟାଇମ୍‌ଲାଇନ୍ ଏବଂ ଇଏମ୍‌ଡି ସହ ଆବଶ୍ୟକ ଯୋଗ୍ୟତା ଏବଂ ଅନ୍ୟ ବିବରଣୀ	କର୍ପୋରେଟ ରଣଗ୍ରହୀତାଙ୍କ ୱେବସାଇଟ୍‌ରେ ଅପ୍‌ଲୋଡ୍ କରା ଯାଇଥିବା କିମ୍ବା liquidatorksspetron@vkcindia.com କୁ ଇ-ମେଲ୍ ଜରିଆରେ ଅନୁରୋଧ କରି ମଧ୍ୟ ହାସଲ କରାଯାଇଥିବା ପ୍ରୋସେସ ଡକ୍ୟୁମେଣ୍ଟ ଅନୁସାରେ ।
୧୪.	ରିଜର୍ଭ ମୂଲ୍ୟ ଏବଂ ବିଡ୍ ଇନକ୍ରିମେଣ୍ଟାଲ ମୂଲ୍ୟ	ଆଇଏନ୍‌ଆର ୧୪୯.୬୧ କୋଟି; ବିଡ୍ ଇନକ୍ରିମେଣ୍ଟ ଟ.୧.୫୦କୋଟିର ମଲ୍ଟିପୁଲ ହେବା ଉଚିତ

ଏଠାରେ ଦର୍ଶାଯାଇଥିବା କୌଣସି ତଥ୍ୟ ବାଇଣ୍ଡିଂ ଅଫର ହେବ ନାହିଁ କିମ୍ବା କର୍ପୋରେଟ୍ ରଣଗ୍ରହୀତାଙ୍କ ସଂପୂର୍ଣ୍ଣ ଅଧିଗ୍ରହଣ ପାଇଁ କମିଟମେଣ୍ଟ ହେବ ନାହିଁ ।
କର୍ପୋରେଟ ରଣଗ୍ରହୀତାଙ୍କ ସଂପୂର୍ଣ୍ଣ ଅଧିଗ୍ରହଣ ଏକ ନିର୍ଦ୍ଧାରିତ ପ୍ରକ୍ରିୟା 'ଯେଉଁଠାରେ', 'ଯାହା', 'ଯେଉଁପରି', ଏବଂ ଅନ୍ୟ କୌଣସି କାରଣ ନ ଦର୍ଶାଇ ଅନୁଷ୍ଠିତ ହେବ । ଏହି ପ୍ରକ୍ରିୟା କର୍ପୋରେଟ୍ ରଣଗ୍ରହୀତା କିମ୍ବା ଲିକ୍ୟୁଡେଟରଙ୍କ ବିନା ୱାରେଣ୍ଟିରେ କରାଯିବ । ଇ-ନିଲାମ ପ୍ରକ୍ରିୟା ଇନସଲଭାନ୍ସି ଆଣ୍ଡ ବ୍ୟାଙ୍କରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ଲିକ୍ୟୁଡେସନ ପ୍ରୋସେସ୍) ରେଗୁଲେନ୍ସ ୨୦୧୬ ଅନୁସାରେ କରାଯିବ । ଆଶାୟୀ ବିଡରମାନେ କର୍ପୋରେଟ ରଣଗ୍ରହୀତାର ସମଗ୍ର ଅଧିଗ୍ରହଣ କିମ୍ବା ଏହାର ଅଂଶଧାରଣ କରିବେ ତାହା ଲିକ୍ୟୁଡେଟରଙ୍କ ଦ୍ୱାରା ସ୍ଥିର କରାଯିବ । ଏ କ୍ଷେତ୍ରରେ ଆଶାୟୀ ବିଡରଙ୍କ କ୍ରେଡେନ୍ସିଆଲ ଏବଂ ପ୍ରୋସେସ୍ ଡକ୍ୟୁମେଣ୍ଟରେ ଦର୍ଶାଯାଇଥିବା ସର୍ତ୍ତ ଓ ନିୟମାବଳୀକୁ ଅନୁସରଣ କରାଯିବ । ଏହି ସର୍ବସାଧାରଣ ସୂଚନା ଇନସଲଭାନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍ ୨୦୧୬ ("କୋଡ୍")ର ଅଧିନିୟମ ଅନୁସାରେ କରାଯାଉଛି । ଲିକ୍ୟୁଡେଟରଙ୍କ ନିକଟରେ ଏହି ନୋଟିସରେ ପରିବର୍ତ୍ତନ କରିବାର ଅଧିକାର ରହିଛି । ସେ କୌଣସି କାରଣ ନ ଦର୍ଶାଇ ଏପରି କରିପାରିବେ । ଯଦି ଆବେଦନପତ୍ର କ୍ଷେତ୍ରରେ ଏପରି କିଛି ପରିବର୍ତ୍ତନ କରାଯାଏ ତେବେ ତାହା କର୍ପୋରେଟ ରଣଗ୍ରହୀତାଙ୍କ ୱେବସାଇଟ୍ **http//www.ptronengineering.com** ରେ ଦର୍ଶାଯିବ ।
ଅଧିକ ସୂଚନା କିମ୍ବା କ୍ଲାରିଫିକେସନ ପାଇଁ ଆପଣ ଦୟାକରି ଲିକ୍ୟୁଡେଟରକୁ ୦୧୧-୪୯୧୨୧୬୪୪-୪୫ କିମ୍ବା ତାଙ୍କ ଟିମ୍ ସଦସ୍ୟଙ୍କୁ ସିଏସ୍ ଲୋଭ୍‌ପେସ୍ ବାତ୍ରାଙ୍କୁ +୯୧ ୮୩୯୮୯-୯୪୫୪୭ରେ ଯୋଗାଯୋଗ କରିପାରିବେ ।

ପେଟ୍ରୋନ ଇଞ୍ଜିନିୟରିଂ କନଷ୍ଟ୍ରକ୍ସନ ଲିମିଟେଡ୍ ପାଇଁ
ସ୍ୱା/-
ସିଏସ୍ ଭିନୀତ କେ ଚୌଧୁରୀ
ଲିକ୍ୟୁଡେଟର
ପେଟ୍ରୋନ ଇଞ୍ଜିନିୟରିଂ କନଷ୍ଟ୍ରକ୍ସନ ଲିମିଟେଡ୍ ମାମଲାରେ
ଆଇବିବିଆଇ ପଞ୍ଜିକରଣ ନମ୍ବର : ଆଇବିବିଆଇ/ଆଇପିଏ-୦୦୨/ଆଇପି-ଏନ୍୦୦୧୦୩/ ୨୦୧୭-୧୮/୧୦୨୪୬
iquidatorPECL@vkcindia.com (ପ୍ରୋସେସ୍ ସ୍ପେସିଫିକ)
ip.vineetchaudhary@gmail.com (ଆଇବିବିଆଇରେ ପଞ୍ଜିକୃତ)
ଆଇବିବିଆଇରେ ପଞ୍ଜିକୃତ ଲିକ୍ୟୁଡେଟରଙ୍କ ଠିକଣା
ଡି-୩୮,ଏଲଜିଏଫ(ଏଲ/ଏସ୍),ସାଉଥ୍ ଏକ୍ସଟେନ୍‌ସନ, ପାର୍ଟ-୨,ନୂଆଦିଲ୍ଲୀ-୧୧୦୦୪୯

ତାରିଖ : ୫ ଜୁଲାଇ ୨୦୨୧
ସ୍ଥାନ : ନୂଆଦିଲ୍ଲୀ